# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର
## କପା ଚାଷ ପାଇଁ XVIII(ଅଷ୍ଟଦଶ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷା (ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ସେପ୍ଟେମ୍ବର | | | | | ସେପ୍ଟେମ୍ବର | | | | |
| | | 15 | 16 | 17 | 18 | 19 | 21 | 22 | 23 | 24 | 25 |
|  | କୋରାପୁଟ | 3.8 | 0 | 0 | 3.3 | 0 | 15 | 10 | 10 | 15 | 25 |
| | କଳାହାଣ୍ଡି | 20.4 | 0 | 0 | 0 | 0 | 15 | 10 | 5 | 15 | 20 |
| | ବଲାଙ୍ଗିର | 0 | 0 | 0 | 0 | 0 | 20 | 10 | 5 | 5 | 10 |
| ବର୍ଷ ପରିମାଣ ଓ ରଙ୍ଗ ସଂକେତ | | ୦.୧ ରୁ ୨.୪ ମି ମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷା ପ୍ରକାର | | ଅତି ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତି ପ୍ରବଳ ବର୍ଷା | |

କପା ଫସଲ ଅବସ୍ଥା:

ଓଡିଶାରେ କପା ଫସଲ ୪0 ରୁ ୨0 ଦିନ ଅବସ୍ଥାରେ ଅଛି। ଫୁଲ ଓ ବକରା ଧରିବା ଅବସ୍ଥାରେ ଅଛି। କପା ଫସଲ ଭଲ ଅବସ୍ଥାରେ ଅଛି ।ଏହି ସପ୍ତାହରେ ଘାସ ବଛା, କୋଡାଖୋସା, ଘାସମରା ଔଷଧର ପ୍ରୟୋଗ,  ଲେଡା ପୋକ, କାଣ୍ଡବିନ୍ଧା ଓ ପତ୍ରଖିଆ ଆଦି ପୋକର ନିୟନ୍ତ୍ରଣ ପାଇଁ କୀଟନାଶକ  ଔଷଧ ପ୍ରୟୋଗ ଇତ୍ୟାଦି କାର୍ଯ ଚାଷୀ ଭାଇ ମାନେ କରିଛନ୍ତି ।  କପାରେ ସ୍ଵଳ୍ପ ମାତ୍ରାରେ ପତ୍ରଡିଆଁ ପୋକ, କାଣ୍ଡବିନ୍ଧା ପୋକ, ଲେଡ଼ା ପୋକ ଓ ଅଣବିଟି କପା ଫସଲରେ ଆମେରିକୀୟ ବକରାବିନ୍ଧା ପୋକ ଲାଗିଛନ୍ତି । ବର୍ଷା ଲାଗି ରହି ଥିବାରୁ ରାଜ୍ୟର କେତକ ସ୍ଥାନରୁ ଝଉଂଳା, ମୂଳ ଶଢା ଓ ବୀଜାଣୁ ଜନିତ ପତ୍ରଦାଗ ରୋଗର ସୂଚନା ମିଳିଛି।

**ପରାମର୍ଶ:**

କପା ଫସଲ ୪0 ୨0 ଦିନ ଅବସ୍ଥାରେ ଥିବାରୁ କପା ଗଛର ଉଚ୍ଚତା 1 ମିଟର ହେଲେ କିମ୍ବା ଫସଲ ୨0 ଦିନର ହେଲେ ଗଛର ଅଗ ଛିଣ୍ଡାଇ ଦିଅନ୍ତୁ। କପା ଫସଲରେ ଲାଗୁଥିବା ରୋଗୋ ଓ ପୋକର ସ୍ଥିତି ଜାଣିବା ପାଇଁ ନିୟମିତ ସର୍ବେକ୍ଷଣ କରନ୍ତୁ। ପତ୍ରଡିଆ ଓ ଜଉ ପୋକର ସଂଖ୍ୟା ଆର୍ଥିକ ଦାହେଳି ସୀମା ଅତିକ୍ରମ କଲେ ୧୦ ଲିଟର ପାଣିରେ ୪ ଗ୍ରାମ ଫ୍ଲୋନିକାମିଡ ୫୦ WG କିମ୍ବା ୩ ଗ୍ରାମ ଡାଇନେଟୋଫୁରଣ 20 SG କିମ୍ବା ୨ ଗ୍ରାମ ଥାଇୟମେଥୋକ୍ସାମ 25 WG ଅଉଷଧକୁ ସିଞ୍ଚନ କରନ୍ତୁ। ପତ୍ରଡିଆ ପୋକ ଓ ଧଳାମାଛି ପୋକର ସ୍ଥିତି ଜାଣିବା ପାଇଁ ଏକର ପ୍ରତି ୮ ଟି ସଙ୍ଗ ଆକର୍ଷକ ଯନ୍ତା ସ୍ଥାପନ କରନ୍ତୁ। ପଟଳ ବକରା ବିନ୍ଧା ପୋକ ଓ କାଣ୍ଡ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ୧୦ ଲିଟର ପାଣିରେ ୨୫ ମିଲି କ୍ଲୋରୋପାଇରୋଫୋସ 20 EC କିମ୍ବା  ୨୦ ମିଲି କୁଇନାଲଫୋସ 20 AF କିମ୍ବା ୩୦ ମିଲି ପ୍ରଫେନୋଫୋସ 50 EC ଓଉଷଧକୁ ସିଞ୍ଚନ କରନ୍ତୁ। ଅଣ ବିଟି କପା ଚାଷ ହେଇଥିବା ଅଞ୍ଚଳରେ ଆମେରିକୀୟ ବକରା ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ 10 ଲିଟର ପାଣିରେ 5 ଗ୍ରାମ ଏମାମେକଟୀନ ବେଞ୍ଜଓୟଟ କିମ୍ବା 20 ମିଲି ପ୍ରୋଫେନୋଫୋସ କୀଟନାଶକ ସିଂଚନ କରନ୍ତୁ। ନାଲି ପତ୍ରଦାଗ ରୋଗର ନିରାକରଣ ପାଇଁ 10 ଲିଟର ପାଣିରେ 100 ଗ୍ରାମ ମଗ୍ନେସିଅମ ସଲ୍ଫେଟ ସହିତ 100 ଗ୍ରାମ ୟୁରିଆ ସାର ମିଶାଇ ସିଂଚନ କରନ୍ତୁ। କପା ଫସଲରେ ପାରା ୱିଲ୍ଟ କିମ୍ବା ଶୀଘ୍ର ଝଉଂଳା ରୋଗୋ ଲାଗିଲେ 24-48 ଘଣ୍ଟା ମଧରେ 200 ଲିଟର ପାଣିରେ 2 ଗ୍ରାମ କୋବାଲ୍ଟ କ୍ଲୋରାଇଡ ମିଶାଇ 1 ଏକର ଜମିରେ ସିଞ୍ଚନ କରନ୍ତୁ ଓ ଏହା ପରେ 1 ଲିଟର ପାଣିରେ 2.5 ଗ୍ରାମ କପର ଆକ୍ସିକ୍ଲୋରଇଡ ସହିତ 200 ଗ୍ରାମ ୟୁରିୟା ସାର ମିଶାଇ ଗଛ ମୂଳରେ ପ୍ରୟୋଗ କରନ୍ତୁ । ମୂଳ ଶଢା ଓ ଝଉଂଳା ରୋଗ ଲାଗିଲେ  10 ଲିଟର ପାଣିରେ 12 ଗ୍ରାମ କର୍ବେନ୍ଦାଜିମ 50 WP କିମ୍ବା 50 ଗ୍ରାମ ଟ୍ରାଇକୋଡର୍ମା ଭିରିଦେ କିମ୍ବା 50 ଗ୍ରାମ ଟ୍ରାଇକୋଡର୍ମା ହେର୍ଜିଅନୁମ ଗୁଣ୍ଡ ଔଷଧ ମିଶାଇ ଗଛ ମୂଳରେ ପ୍ରୟୋଗ କରନ୍ତୁ । ଜୀବାଣୁ ଜନିତ ପତ୍ରପୋଡା ରୋଗର ନିୟନ୍ତ୍ରଣ ପାଇଁ 10 ଲିଟର ପାଣିରେ 25-30 ଗ୍ରାମ କପର ଅକ୍ସି କ୍ଲୋରଇଡ 50 WP ଔଷଧ ସିଂଚନ କରନ୍ତୁ।

ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ, ସାର ପ୍ରୟୋଗ , ବୁଣିବା ପଦ୍ଧତି, ଜଳସେଚନ ଓ ଘାସ ପରିଚାଳନା, ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ ସିଆଇସିଆର  କଟନ ଆପ (CICR Cotton App) ଯାହାକି ଆଇସିଏଆର-ସିଆଇସିଆର, ନାଗପୁର ଦ୍ଵାରା ପ୍ରସ୍ତୁତ କରାଯାଇଛି ସେଥିରୁ ରୁ ମିଳି ପାରିବ । ଗୁଗଲ ପ୍ଲେ ଷ୍ଟୋର ରୁ ଏହି ଆପ କୁ ମାଗଣାରେ ଡାଉନଲୋଡ କରା ଯାଇ ପାରିବ । ଏହା ଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆର ୱେବ ସାଇଟ ରେ ଅପଲୋଡ କରା ଯାଉଛି, ଯାହାସବୁ  ଚାଷୀ ମାନଙ୍କ ଉପକାର ପାଇଁ ମଧ ମିଳି ପାରିବ ।